The Odisha Gazette

EXTRAORDINARY

PUBLISHED BY AUTHORITY

No. 924 CUTTACK, MONDAY, APRIL 8, 2024/CHAITRA 19, 1946

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

No. 8246--RDM-LAA-MBJ-0004/2024-R&DM, Dated 16-03-2024

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଡ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- **ବଡଗୋପାଳପୁର(ଅତିରିକ୍ତ)**, ଥାନା- ବୈଶିଙ୍ଗା, ନଂ. ୨୩୨, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ **୦.୭୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିଜ୍ଞାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି କରିବା।।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ବାରିପଦା ।

୬- ଜମିର ବିବରଣୀ-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	ପ୍ଲଟ୍ ର ମୋଟ ରକବା	ଅଧିସୂଚୀତ ଜମିର ରକବା	ରୟତ୍‌ର ନାମ
ମୟୂରଭଞ୍ଜ	ବେତନଟୀ	ବଡଗୋପାଳପୁର (ଅତିରିକ୍ତ)	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ. ୨.୭୦	ଏ. ୦.୭୦	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୂଚୀ

ଭୂଅର୍ଜ୍ଜନ ମାମଲା ସଂଖ୍ୟା- ୧୪୦/୨୦୨୩
ଏ.୦.୭୦ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରୀଭଙ୍ଗାପୁର ଡିଷ୍ଟ୍ରୀବ୍ୟୁଟାରୀ ନିମନ୍ତେ

ମୌଜା-ବଡଗୋପାଳପୁର (ଅତିରିକ୍ତ) ଥାନା-ବୈଶିଙ୍ଗା, ନଂ-୨୩୨, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

ଖାତା ନଂ ଓ ସତ୍ୱ	ପ୍ଲଟ ନଂ	ମୋଟ ରକବା	ଆକ୍ୟୁଆର ରକବା	କିସମ	ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ
୧	୨	୩	୪	୫	୬
୪୬	୫୦୭	୦.୫୦	୦.୨୪	ଚକ	ଚାନ୍ଦରାଏ ମାଝୀ, ଚାନ୍ଦୁ ମାଝୀ ପି: ଦିତୁଆ ମାଝୀ ଜା: ସାନ୍ତାଳ ବା: ପୁରୁଣିଆ
	୫୦୯	୦.୩୩	୦.୧୪	ଘରବାରି	
୬୮	୫୦୬	୦.୫୦	୦.୦୭	ଚକ	ଦୈତାରୀ ମାହାନ୍ତ, ଜହର ମାହାନ୍ତ ପି: ମଥୁରା ମାହାନ୍ତ, ବଦନୀ ମାହାନ୍ତ ସ୍ୱା: ମଥୁରା ମାହାନ୍ତ ଜା: କୁଡୁମି କ୍ଷେତ୍ରିୟ ବା: ଶିଖରଖୁଣ୍ଟା
୧୯୬	୫୦୪	୦.୫୦	୦.୦୬	ଚକ	ସୁରେନ୍ଦ୍ର ମାହାନ୍ତ ପି:ଜୟରାମ ମାହାନ୍ତ ଜା: କୁଡୁମି କ୍ଷେତ୍ରିୟ ବା: ନିଜଗାଁ
୨୦୮	୫୦୩	୦.୩୭	୦.୦୧	ଚକ	ହାଡିଆ ମୁର୍ମୁ ପି:ଖାଣ୍ଡ ମୁର୍ମୁ ଜା: ସାନ୍ତାଳ ବା: ପୁରୁଣିଆ
୨୧୧	୫୦୫	୦.୫୦	୦.୧୮	ଚକ	ହେମେନ୍ଦ୍ର ମାହାନ୍ତ ପି:ଜୟରାମ ମାହାନ୍ତ ଜା: କୁଡୁମି କ୍ଷେତ୍ରିୟ ବା: ନିଜଗାଁ
ମୋଟ	୬ ପ୍ଲଟକୁ	ଏ. ୨.୭୦ ଡେ.ମି.	ଏ.୦.୭୦ ଡେ.ମି.		

ରାଜ୍ୟପାଳଙ୍କ ଆଦେଶକ୍ରମେ
ନୃସିଂହ ଚରଣ ସ୍ୱାଇଁ
ସ୍ୱତନ୍ତ୍ର ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 164—173+25